ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 | Postal Regd. No. BN/42/18-20. | ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୫/୨୦୧୮ | Balasore, Wednesday, September 5/ 2018

## ସଂକ୍ଷେପରେ

### କିରାଣିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବାରିପଦା ଅଫିସ,୪।୯:** ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଏମପିସି ଅଟୋନମସ କଲେଜର ବରିଷ୍ଠ କିରାଣି ପ୍ରଭାକର ପରିଡାଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ କିରାଣି ପରିଡାଙ୍କ ବୈଶିଙ୍ଗା ସ୍ଥିତ ବାସଭବନ ଓ କଲେଜ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଚଡଉ କରାଯାଇଛି। ଏହି ଚଢ଼ଉ ବେଳେ ପରିଡାଙ୍କ ଏକାଧିକ ଘର, ଜମି, ଚାରି ଚକିଆ ଗାଡି ଓ ନଗଦ ଟଙ୍କା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଭିଜିଲାନ୍ସ ଡିଏସପି ଶରତ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଚଢଉରେ ସାମିଲ ଥିଲେ।

### ୭ ରେ ଭାଜପାର ମୋରଡା ବନ୍ଦ

**ବାରିପଦା ଅଫିସ,୪।୯:** ମୋରଡା ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ପ୍ରତିବାଦରେ ଭାଜପା ପକ୍ଷରୁ ଆସନ୍ତା ୭ ତାରିଖରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟ ଭାଜପା ଉପସଭାପତି ରାଜକିଶୋର ଦାସ ଏ ନେଇ ଏକ ଖବରଦାତା ସମ୍ମିଳୀରେ ସୂଚନା ଦେଇଛନ୍ତି। ଭାଜପା ପକ୍ଷରୁ ବିଭିନ୍ନ ସମୟରେ ଜିଲା ପ୍ରଶାସନକୁ ଏନେଇ ଅବଗତ କରାଯାଇଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁଁ ଭାଜପା ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପ୍ରଥମେ ଜେଏମଏମ ଏହି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇ ସାରିଛି। ଏବଂ ପୂର୍ବରୁ ୧୭ ଅଗଷ୍ଟରେ ମୋରଡାରେ ହରତାଲ ଡାକରା ଦିଆଯାଇଥିଲା। ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରି ବାଜପେୟୀଙ୍କ ଅକାଳ ବିୟୋଗ ଯୋଗୁଁ ଜେଏମଏମ ଏହି ହରତାଳକୁ ବାତିଲ କରାଯାଇଥିଲା। ହଠାତ ଭାଜପା ଏହି ଦାବି ନେଇ ବନ୍ଦ ଡାକରା ଦେବା ମୋରଡା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଚଳନ୍ତା ଗାଡ଼ିରେ ନାବାଳିକାଙ୍କୁ ଅସଦାଚରଣ

**ଧାମନଗର,୪।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର-ଭଦ୍ରକ ରାସ୍ତାରେ ଜଣେ ନାବାଳିକାଙ୍କୁ ଲିଫ୍ଟ ଦେବା ବାହାନାରେ ଅସଦାଚରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ରାତିରେ ସେ ଏକୁଟିଆ ଧାମନଗର ଛକ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ଆସି ତାଙ୍କୁ ପରିଚୟ ପଚାରି ସେ ତାଙ୍କ ବାପାଙ୍କୁ ଜାଣନ୍ତି ବୋଲି କହି ବିଶ୍ୱାସ ଜନ୍ମାଇ ଘରେ ଛାଡି ଦେବେ ବୋଲି କହିଥିଲେ। ଏଥିରେ ନାବାଳିକାଜଣକ ସେମାନଙ୍କ ସହ ଗାଡିରେ ବସିଥିଲେ। ଯୁବକଦ୍ୱୟ ନାବାଳିକାଙ୍କୁ ଧାମନଗର ଆଡକୁ ନେଉଥିବା ବେଳେ ରାସ୍ତାରେ ଅସଦାଚରଣ ଉଦ୍ୟମ କରିଥିଲେ। ଏଥିରେ ନାବାଳିକା ଜଣକ କିଛି ଉପାୟ ନ ପାଇ ତେଲଟାଙ୍କି ନିକଟରେ ତଳକୁ ଡେଇଁ ପଡିଥିଲେ। ରାସ୍ତାରେ ପଡି ସେ ଚେତା ହରାଇଥିଲେ। ଏହାଦେଖି ୨ ଯୁବକ ସେଠାରୁ ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଥାନାକୁ ଜଣାଇଥିଲେ। ପୋଲିସ ନାବାଳିକାଙ୍କୁ ଥାନାକୁ ନେଇ ପଚରାଉଚୁରା କରିବା ପରେ ମାମଲା ରୁଜୁ କରିଥିଲା। ଥାନାରେ ମାମଲା (ନଂ.୧୪୯/୧୮ ) ରୁଜୁ ହୋଇଥିବା ବେଳେ ମଙ୍ଗଳବାର ଏସଡିପିଓ ମନୋରଞ୍ଜନ ସାମଲ ନାବାଳିକାଙ୍କ ବୟାନ ରେକର୍ଡ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

### ମହିଳାଙ୍କୁ ଅସଦାଚରଣ, ଜଣେ ଗିରଫ

**ଭଦ୍ରକ ଅଫିସ,୪।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବଗଡିଆ ଗ୍ରାମରେ ଜଣେ ବିବାହିତ ମହିଳା ଘରେ ଏକାକୀ ଥିବା ବେଳେ ପଡୋଶୀ ଗ୍ରାମ ରମ୍ଭିଳାର ଜଣେ ଯୁବକ ପାଣି ପିଇବା ବାହାନାରେ ଘରେ ପଶି ଅସଦାଚରଣ ଉଦ୍ୟମ କରିଥିଲେ। ମହିଳାଙ୍କ ପାଟି ଶୁଣି ଗାଁ ଲୋକେ ରମ୍ଭିଳା ଗ୍ରାମର ନଖିଆ ମହାପାତ୍ରଙ୍କୁ କାବୁ କରିଥିଲେ। ହେଲେ ଖବର ପାଇ ଯୁବକଙ୍କ ଗାଁ ଲୋକେ ପହଞ୍ଚି କୌଶଳ କ୍ରମେ ଖସାଇ ନେଇଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଗ୍ରାମାଞ୍ଚଳ ପୋଲିସ ନଖିଆଙ୍କୁ ଗିରଫ କରି ମଙ୍ଗଳବାର ଏକ ମାମଲା (ନଂ.୪୩୦/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି।

# ସବୁ ଛାତ୍ରୀଛାତ୍ରଙ୍କୁ ମିଳିବ ସମାନ ଗୁରୁତ୍ୱ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ।

- **ବିଦ୍ୟାଳୟ ଆସୁନାହାନ୍ତି ୪୮୩୧ ପିଲା**
- **ନଭେମ୍ବର ୧୪ ସୁଦ୍ଧା ସବୁ ପିଲା ସ୍କୁଲ ଯିବେ**
- **ମାର୍କ କମ ରହିଲେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

**ବାରିପଦା ଅଫିସ,୪।୯**

ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ସ୍କୁଲ ମୁହାଁ କରିବା ନିମନ୍ତେ ନିଆଯାଉଛି ବହୁ ପଦକ୍ଷେପ । ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ୨୦୧୩ ମସିହା ଏପ୍ରିଲ ୧ ତାରିଖରୁ 'ମୁଁ ବି ପଢ଼ିବି' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିଯୋଗୁ ଜିଲା ପ୍ରଶାସନ ବହୁ ସ୍ଥାନରେ ପ୍ରଶଂସିତ ଓ ସମ୍ମାନିତ ମଧ୍ୟ ହୋଇଥିଲା। ହେଲେ କ୍ରମଶଃ ଏହି ଯୋଜନା ବାଟବଣା ହୋଇଗଲାଣି। ଏନେଇ ବିଭିନ୍ନ ମହଲରେ ସମାଲୋଚିତ ହେବା ପରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି।

ମୟୂରଭଞ୍ଜ ଜିଲାରେ ମୋଟ ୪୮୩୧ ଜଣ ପିଲା ସ୍କୁଲ ଆସୁ ନାହାନ୍ତି। ଦୀର୍ଘ ଦିନ ଧରି ସ୍କୁଲ ଆସୁ ନ ଥିବା ପିଲାଙ୍କ ସଂଖ୍ୟା ୨୦୦୨, ଡ୍ରପ ଆଉଟଙ୍କ ସଂଖ୍ୟା ୨୬୩୮ ଏବଂ ନାମ ଲେଖାଇ ନ ଥିବା ପିଲାଙ୍କ ସଂଖ୍ୟା ୧୯୧ ରହିଛି। ପ୍ରଥମରୁ ଦଶମ ଯାଏ ବିଦ୍ୟାଳୟକୁ ଆସୁ ନ ଥିବା ସମସ୍ତ ପିଲାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଆସନ୍ତା ନଭେମ୍ବର ୧୪ ସୁଦ୍ଧା ବିଦ୍ୟାଳୟରେ ନାମ ଲେଖାଯିବା ବ୍ୟବସ୍ଥା କରାଯିବ। ଏହାପରେ ଯୋଗ୍ୟତା ଭିତ୍ତିରେ ବିଭିନ୍ନ ସ୍କୁଲ, ହଷ୍ଟେଲ ଓ ଆଶ୍ରମ ବିଦ୍ୟାଳୟରେ ଥଇଥାନ କରାଯିବ। ଜିଲାରେ ଜଣେ ବି ପିଲା ସ୍କୁଲ ବାହାରେ ରହିବେ ନାହିଁ। ମଙ୍ଗଳବାର ଜିଲାପାଳ ବିନିତ ଭରଦ୍ୱାଜ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଏନେଇ ତଥ୍ୟ ଦେଇଛନ୍ତି।

ସେହିପରି ପ୍ରତି ଶ୍ରେଣୀରେ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତି ବିଷୟ ଅନୁସାରେ ଏକ ମାପଦଣ୍ଡ ପ୍ରସ୍ତୁତ କରାଯାଇଛି। ସମସ୍ତ ଛାତ୍ରୀଛାତ୍ର ନିଜ ନିଜ ଶ୍ରେଣୀ ଅନୁସାରେ ସମସ୍ତ ବିଷୟ ପ୍ରତି ଜ୍ଞାନ ସମାନ ରଖିବେ। ଏଥିରେ ସବୁ ଛାତ୍ରୀଛାତ୍ରଙ୍କୁ ଗୁରୁତ୍ୱ ଦେଇ ଶିକ୍ଷକମାନେ ପାଠ ପଢ଼ାଇବେ। ଯଦି କୌଣସି ଛାତ୍ରୀଛାତ୍ରଙ୍କର ସମ୍ପୃକ୍ତ ବିଷୟରେ କମ ଜ୍ଞାନ ଥିବ ତା ହେଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ କହିଛନ୍ତି ଜିଲାପାଳ ଭରଦ୍ୱାଜ।

ପ୍ରକାଶ ଥାଉକି ଜିଲାରେ ସ୍କୁଲ ବାହାରେ ରହୁଥିବା ତଥା ନାମ ଲେଖାଇ ସ୍କୁଲ ଆସୁ ନ ଥିବା ପିଲାଙ୍କୁ ଚିହ୍ନଟ କରି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରବର୍ତ୍ତାଇବା ପାଇଁ ଗତ ୩ ତାରିଖରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥରେ ୨୦ ତାରିଖ ସୁଦ୍ଧା ଜିଲାର ଏହି ପିଲାଙ୍କୁ ଚିହ୍ନଟକରଣ କାର୍ଯ୍ୟ ଶେଷ କରିବାକୁ ଏକ ସ୍ୱତନ୍ତ୍ର କାର୍ଯ୍ୟ ତାଲିକା ପ୍ରସ୍ତୁତ ହୋଇଥିଲା। ଗତ ୧୮ ତାରିଖରେ ଜିଲାର ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ସରପଞ୍ଚମାନେ ଅଧକ୍ଷତା କରିବେ ଏବଂ ତାଙ୍କ ପଞ୍ଚାୟତର ସ୍କୁଲ ଯାଉ ନ ଥିବା ପିଲାଙ୍କ ଏକ ରିପୋର୍ଟ ତିଆରି କରିଥିଲେ। ସ୍ଥାନୀୟ ଅଞ୍ଚଳର ଅଙ୍ଗନୱାଡି କର୍ମୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସିମାନେ ଏଥିରେ ସରପଞ୍ଚଙ୍କ ସହିତ ରହି ପିଲାଙ୍କୁ ଚିହ୍ନଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସର୍ବ ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବିବେକାନନ୍ଦ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା କର୍ମ ନିୟୋଜନ ଅଧିକାରୀ ରଞ୍ଜନ କୁମାର ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଏହି ଖବରଦାତା ସମ୍ମିଳନିରେ ଉପସ୍ଥିତ ଥିଲେ।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଗଣଧାରଣା

**ଉଦଳା, ୪।୯ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଉଦଳା ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ ଏବଂ ନିଶ୍ଚେତକ ଡାକ୍ତର ପଦବୀ ଖାଲିପଡିଛି। ଉକ୍ତ ପଦବୀଗୁଡିକ ପୂରଣ ସହ ରକ୍ତଭଣ୍ଡାରରେ ଡାକ୍ତର ନିଯୁକ୍ତି ଦାବି ନେଇ ମଙ୍ଗଳବାର ଉଦଳା ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ଡାକ୍ତରଖାନା ସମ୍ମୁଖରେ ୪ ଘଣ୍ଟିଆ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ। ଉପଖଣ୍ଡରେ ଥିବା କପ୍ତିପଦା, ଶ୍ରୀଦାମଚନ୍ଦ୍ରପୁର ଓ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବିଶେଷଜ୍ଞ ଡାକ୍ତର ନାହାନ୍ତି । ଯେଉଁମାନେ ଅଛନ୍ତି ନିୟମିତ ଡାକ୍ତରଖାନା ଆସୁ ନ ଥିବା ନେଇ ଭାଜପା ଅଭିଯୋଗ କରିଛି। ଏତଦ୍‌ବ୍ୟତୀତ ଉଦଳା ଡାକ୍ତରଖାନା କ୍ୟାମ୍ପସ୍‌ରେ ବିନା ଲାଇସେନ୍ସ ଓ ବିନା ସ୍ୱୀକୃତିରେ ଦୀର୍ଘ ବର୍ଷ ଧରି ଔଷଧ ଦୋକାନ ଚାଲୁ ରହିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ଦଳ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଗଣଧାରଣାରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡ. ଶିବନାରାୟଣ ସିଂ, ରାଜ୍ୟ ଏସ୍‌ଟି ମୋର୍ଚ୍ଚାର ଉପସଭାପତି ଚତୁର୍ଭୁଜ ପାତ୍ର, କାଉନସିଲର ପ୍ରଭାତ କୁମାର ପରିଡା, ମଣ୍ଡଳ ସାଧାରଣ ସମ୍ପାଦକ ସଞ୍ଜୟ ପୋଥାଳ, ଦାସ ମାଝୀ, ଯୋଗେନ୍ଦ୍ର କର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

**କପ୍ତିପଦା,୪।୯(ଡି.ଏନ୍.ଏ)**

କପ୍ତିପଦା ଥାନା ଅଧିନ ପେଡାଗଡି ନନ୍ଦିସାହି ଗ୍ରାମର ଜଣେ ବ୍ୟକ୍ତି ଚୋରା ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢଉ କରି ୧୦ ଲିଟର ଦେଶୀ ମଦ ଜବତ କରିଛି। ପୋଲିସ ମାମଲା (ନଂ ୧୦୧/୧୮) ରୁଜୁ କରି ଅଭିଯୁକ୍ତ ମଣ୍ଟୁ ମୁର୍ମୁଙ୍କୁ ଗିରଫ କରି ପରେ ନୋଟିସ ଦେଇ ଛାଡି ଦେଇଛି।

## ହାତୀ ଉପଦ୍ରବ: ବ୍ୟାପକ ଫସଲ ନଷ୍ଟ

**ମୋରଡା,୪।୯**

ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ଜୁଆଳିଭଙ୍ଗା ଗ୍ରାମରେ ମଙ୍ଗଳବାର ଧାନ ବିଲରେ ହାତୀ ପଶି ବ୍ୟାପକ ଫସଲ ନଷ୍ଟ କରିଛି। ପ୍ରାୟ ୪/୫ ଦିନ ହେବ ମୋରଡା ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀମାନେ ଜୁଆଳିଭଙ୍ଗା ଗ୍ରାମର ବହୁ ଜଣଙ୍କ ଧାନ ବିଲ ନଷ୍ଟ କରି ଦେଇଥିବାରୁ ସେମାନେ ମୁଣ୍ଡରେ ହାତ ଦେଇଛନ୍ତି। ହାତୀପଲ ଏବେ ବେତନଟୀ ରେଞ୍ଜ ଅଧୀନ ଅସନବଣୀ ଜଙ୍ଗଲରେ ଥିବା ଜଣାପଡିଛି।



ଜେଏମଏମ ନେତୃବୃନ୍ଦ ଉପନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରୁଛନ୍ତି।

### ଡଙ୍ଗଲର ଦୁରୁପଯୋଗ କରି ଟଙ୍କା ଆତ୍ମସାତ୍ ଘଟଣା

## ଅପସାରିତ ହେଲେ କର୍ମଚାରୀ

**ବାରିପଦା ଅଫିସ,୪।୯**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଜିଲା ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଜଣେ ପୂର୍ବତନ ଉପନିର୍ଦ୍ଦେଶକଙ୍କ ଡଙ୍ଗଲକୁ ଦୁରୁପଯୋଗ କରି ଜଣେ ଡାଟି ଏଣ୍ଟ୍ରି ଅପରେଟର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। କେନ୍ଦୁଝର ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଓମ ପ୍ରକାଶ ରଥ ଏହି ଅଭିଯୋଗ ଆଣି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶିତ ହେବା ପରେ ମଙ୍ଗଳବାର ଜେଏମଏମ କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ମୟୂରଭଞ୍ଜ ଜିଲା ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ କାଞ୍ଚନ ମୁଣ୍ଡାରିଙ୍କୁ ଘେରଛନ୍ତି। ଫଳରେ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ଅପସାରିତ କରିଛନ୍ତି ଉପନିର୍ଦ୍ଦେଶକ ମୁଣ୍ଡାରି। ତାଙ୍କୁ ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ଅବସ୍ଥାପିତ କରିବା ସହିତ ଆବଶ୍ୟକ ହେଲେ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସେହିପରି ଏହି ଘଟଣାକୁ ବିଭାଗରେ ମିଥ୍ୟା ବିଲ କରି ସରକାରୀ ଅର୍ଥ ହଡପ କରାଯାଇଥିବା ପ୍ରମାଣ ଥିବା ଦାବି କରିଛନ୍ତି ଜେଏମଏମ ନେତା ଜେନା। କେବଳ ବଡସାହି ବ୍ଲକରେ ମିଥ୍ୟା ମଷ୍ଟର ରୋଲ ତିଆରି ପ୍ରାୟ ୪ କୋଟି ଟଙ୍କା ଆତ୍ମସାତ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରି ବିଭାଗ ପକ୍ଷରୁ ଠିକ ପଦକ୍ଷେପ ନିଆ ନ ଗଲେ ଜେଏମଏମ ପକ୍ଷରୁ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ତେବେ ଆସନ୍ତା ୭ ତାରିଖରେ ଜେନା କରୁଥିବା ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ପାଇଁ ତାଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ସହିତ ଯାଞ୍ଚ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ଉପନିର୍ଦ୍ଦେଶକ ମୁଣ୍ଡାରି ଜେଏମଏମ ପ୍ରତିନିଧୀ ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସମବାୟ ସମିତିରେ ମନମୁଖି କାର୍ଯ୍ୟକୁ ବିରୋଧ: ଆଜିଠୁ କଳା ବ୍ୟାଜ୍ ପରିଧାନ

**ରୂପସା, ୪।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଓଲନ୍ଦା ସାରଗାଁ ସେବା ସମବାୟ ସମିତିରେ ମନମୁଖି କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଛି। ବାଲେଶ୍ୱର-ଭଦ୍ରକ ଜିଲା ସେବା ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ସେପ୍ଟେମ୍ବର ୫ତାରିଖଠାରୁ ବ୍ଲକ ଅନ୍ତର୍ଗତ ୧୮ଟି ସମିତିର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ନେଇ ସଂଘ ସଭାପତି ନିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ର, ସଦର ଶାଖା ସମ୍ପାଦକ ବଳଭଦ୍ର ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ପରିଡ଼ା ଓ ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଜିଲାପାଳ, ଏସ୍‌ପିଙ୍କ ସମେତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଚିଫ୍ ଏକ୍ଜିକ୍ୟୁଟିଭ ଅଫିସର, ରେଜିଷ୍ଟ୍ରାର, ଡେପୁଟି ରେଜିଷ୍ଟ୍ରାର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଆସନ୍ତା ୧୯ତାରିଖରେ ଓଲନ୍ଦା ସାରଗାଁ ସେବା ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୨୦ତାରିଖରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୮ଟି ସମିତି କାର୍ଯ୍ୟାଳୟ ବନ୍ଦ କରାଯାଇ ଗଣଧାରଣାରେ ବସି ରହିବେ ବୋଲି ଚେତାବନୀ ଦିଆଯାଇଛି।

### ଗୃହ ନିର୍ମାଣ ବିଲ୍ ମିଳୁ ନ ଥିବାରୁ ଅସନ୍ତୋଷ

## ଜାମକୁଣ୍ଡା ପଞ୍ଚାୟତ ଅଫିସରେ ତାଲା

**ବାଲିଆପାଳ, ୪।୯(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତରେ ବିଗତ କିଛି ମାସ ଧରି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଠାକୁ କେହି ପଞ୍ଚାୟତ ନିର୍ବାହୀ ଅଧିକାରୀ ଆସୁ ନ ଥିବାରୁ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଲ୍ ପାଇ ପାରୁନାହାନ୍ତି। ଏପରିକି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରି ମଧ୍ୟ ବିଲ ହେଉ ନ ଥିବାରୁ ଏଥିପାଇଁ ସରକାରଙ୍କ ପକ୍ଷରୁ ଥିବା ବୋନସରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦ କରି ମଙ୍ଗଳବାର ଗୌରାଙ୍ଗ ରଣା, ବୁଦ୍ଧିରାମ ନାୟକ, ସନ୍ନ୍ୟାସୀ ପିଳା, ଗୋପାଳ ବେହେରା, ଶାନ୍ତିଲତା ରଣା, ସୋଲା ଦଳାଇ, କନକଲତା ଦଳାଇ, ଅଗଣି ମଙ୍ଗରାଜ, ହିଂମାଂଶୁ ଦୀକ୍ଷିତ, ସନ୍ତୋଷ ମଙ୍ଗରାଜ, ପ୍ରଭାକର ସାମଲ, ସୁକାନ୍ତୀ ରାଉତ, ଅନୀଲ ପ୍ରଧାନ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ ଓ କବିତା ପ୍ରଧାନ ପ୍ରମୁଖ ପହଞ୍ଚି ପଞ୍ଚାୟତ ଅଫିସରେ ତାଲା ପକାଇଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ତାଲା ଖୋଲି ନ ଥିଲା। ଏ ସମ୍ପର୍କରେ ବାଲିଆପାଳ ବିଡିଓ ମିନତୀ ଜଗଦେବ କହିଛନ୍ତି ଯେ, ବୁଧବାର ପଞ୍ଚାୟତ ଅଫିସରୁ ତାଲା ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ଲୋକଙ୍କର କାର୍ଯ୍ୟ କିପରି ସୁରୁଖୁରୁରେ ହୋଇପାରିବ ତାହା ଉପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ପଲିଟେକ୍‌ନିକ କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ବଲାଙ୍ଗୀର ଅଫିସ, ୪।୯**

ବଲାଙ୍ଗୀର ପଲିଟେକ୍‌ନିକ କଲେଜର ଜଣେ ଛାତ୍ର ବେକରେ ରଶିଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣକ ଭଦ୍ରକ ସହରର ଚନ୍ଦ୍ରଶେଖର ବେହେରା ବୋଲି ପୋଲିସ ସୂଚନା ଦେଇଛି। ଆଲୋକନଗରର ଏକ ଭଡାଘରୁ ତାଙ୍କ ଝୁଲନ୍ତା ମୃତଦେହକୁ ତାଙ୍କର କେତେକ ସହପାଠୀ ଉଦ୍ଧାର କରି ଭୀମଭୋଇ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରଶେଖର ବଲାଙ୍ଗୀର ପଲିଟେକ୍‌ନିକ୍ କଲେଜରେ ପଞ୍ଚମ ସେମିଷ୍ଟର ଛାତ୍ର ଭାବେ ପଢୁଥିଲେ। ଘର ଭଡା ନେଇ ଚନ୍ଦ୍ରଶେଖର ଏକାକୀ ରହୁଥିଲେ। ମଙ୍ଗଳବାର ସକାଳେ ତାଙ୍କ ସହପାଠୀମାନେ କଲେଜ ଯିବାକୁ ଚନ୍ଦ୍ରଶେଖରଙ୍କୁ ଡାକିଥିଲେ। ତେବେ ସେ କଲେଜ ଯିବେ ନାହିଁ ବୋଲି କହି ଘରେ ରହିଥିଲେ। ଅପରାହ୍ନରେ ସହପାଠୀମାନେ କଲେଜରୁ ଫେରିବା ପରେ ଚନ୍ଦ୍ରଶେଖରଙ୍କ ଘର କବାଟ ବନ୍ଦ ଥିବା ଦେଖି ତାଙ୍କୁ ଡାକିଥିଲେ। ହେଲେ ସେ ନ ଶୁଣିବାରୁ କବାଟ ଫାଙ୍କ ରେ ଚନ୍ଦ୍ରଶେଖରଙ୍କ ଶରୀର ଝୁଲୁଥିବା ଦେଖିଥିଲେ। ବଲାଙ୍ଗୀର ଟାଉନ ଥାନା ପୋଲିସ ଡାକ୍ତରଖାନା ଓ ଚନ୍ଦ୍ରଶେଖରଙ୍କ ଭଡାଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଚନ୍ଦ୍ରଶେଖରଙ୍କ ମାତାପିତା ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ବାର୍ଷିକ କ୍ରୀଡ଼ା: ୪୦୦ ଛାତ୍ରୀଛାତ୍ର ସାମିଲ

**ବାହାନଗା,୪।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମଣ୍ଡଳସ୍ତରୀୟ ବାର୍ଷିକ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ୭୪ ବିଦ୍ୟାଳୟରେ ୪୦୦ ଛାତ୍ରୀଛାତ୍ର ୪୦ ପ୍ରକାର ଖେଳରେ ଅଂଶ ଗ୍ରହଣ କରିଛନ୍ତି। ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହେବ। ସୋର ବିଧାୟକ ପର୍ଶୁରାମ ଧଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରି ଛାତ୍ରୀଛାତ୍ରମାନେ ପାଠ ପଢିବା ସହିତ କ୍ରୀଡା ପ୍ରତି ଆଗ୍ରହ ରଖି ଖେଳିଲେ ନିଜ ଅଞ୍ଚଳ ସମେତ ଶିକ୍ଷାନୁଷ୍ଠାନ ଲାଗି ସୁନାମ ଆଣି ପାରିବେ ବୋଲି କହିଥିଲେ। ଉଦଘାଟନୀ ସଭାରେ ପୌରୋହିତ୍ୟ କରିଥିଲେ ବ୍ଲକ ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ । ଗୋପାଳପୁର ସମିତିସଭ୍ୟା ତୁଷାରକାନ୍ତି ମହାପାତ୍ର ସେହିପରି ମୁଖ୍ୟବକ୍ତା ଏବଂ ପ୍ରଧାନ ଶିକ୍ଷକ ମାନସ କୁମାର ପଣ୍ଡା, ଏବିଇଓ ଉମାକାନ୍ତ ନାୟକ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସରସ୍ୱତୀ ମହାଳିକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ମାନସ କୁମାର ପଣ୍ଡା ଯୋଗ ଦେଇ ଥିଲେ। ଏଥିରେ ଏବିଇଓ ଉମାକାନ୍ତ ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ଅସିତ୍ କୁମାର ଜେନା, ତାଳକୁରୁଣିଆ ଉଚ୍ଚ ବିଦ୍ୟାଳୟରେ ଖେଳ ଶିକ୍ଷକ ସପ୍ନେନ୍ଦୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ ଶିକ୍ଷକ ରମଣୀକାନ୍ତ ମିଶ୍ର ପରିଚାଳନା କରିଥିଲେ।

## ଖଇରା ଅଞ୍ଚଳରେ ବାରମ୍ବାର ଚୋରି

**ଖଇରା, ୪।୯(ଡି.ଏନ.ଏ.)**

ଖଇରା ଥାନା ଅଧୀନ କୁରୁଣ୍ଟା, ବରପଦା, ତୁଡିଗଡିଆ, ଗନ୍ଧାଳୀ, ସମସରପୁର ଆଦି ଅଞ୍ଚଳରୁ ଗତ ୧୦ଦିନ ମଧ୍ୟରେ ୭ରୁ ଅଧିକ ଚୋରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଖଇରା ପୋଲିସ ମଧ୍ୟ ଚୋରି, ଲୁଟ୍‌କୁ ବନ୍ଦ କରିବାକୁ ଉଦ୍ୟମ କରି ଶୁକ୍ରବାର ରାତିରେ ୨ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଛି। ହେଲେ ଏଭଳି ଗିରଫକୁ ଭୟ ନ କରି ଚୋରମାନେ ପୁଣି ଗୋଟିଏ ପରେ ଚୋରି ଘଟଣା ଘଟାଇ ଚାଲିଛନ୍ତି। ରବିବାର ସମ୍ପେଇ ଓ ବରପଦାରୁ ୩ଟି ଚୋରି ପରେ ଚୋରମାନେ ସୋମବାର ରାତିରେ ଗଣ୍ଡିବେଡ ଜଗନ୍ନାଥ ମନ୍ଦିରରୁ ପୁଣି ଚୋରି କରିବାରେ ସଫଳ ହୋଇଛନ୍ତି। ହୁଣ୍ଡିରେ ଥିବା ଆନୁମାନିକ ୨୦ହଜାର ଟଙ୍କା ନେଇ ପଳାଇଥିବା ପୂଜକ କୈଳାସ ପଣ୍ଡା ଖଇରା ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଚୋରମାନେ ମାଟିଆଳପଦା ଗ୍ରାମରେ ରବୀନ୍ଦ୍ର ଦାସଙ୍କ ଘରେ ତାଲା ଭାଙ୍ଗି ପଶିବାକୁ ଉଦ୍ୟମ କରୁଥିବା ବେଳେ ଘରଲୋକ ଉଠି ପଡିବାରୁ ଦୁର୍ବୃତ୍ତମାନେ ଦୌଡି ପଳାଇଥିଲେ। ରାଇକୁଳା ଅଞ୍ଚଳର କେଶବ ମାଝିଙ୍କ ମୋବାଇଲ ଦୋକାନରୁ ୫ ହଜାର ଟଙ୍କାର ମୋବାଇଲ ସାମଗ୍ରୀ ଚୋରି ହୋଇଛି। ଖଇରା ଅଞ୍ଚଳରେ ଲୁଟେରାଙ୍କ ଏକ ଗ୍ୟାଙ୍ଗ କାମ କରୁଥିବା ସ୍ପଷ୍ଟ ହୋଇଛି।

## ସିବିଆଇ ତଦନ୍ତ ଦାବିରେ ରାସ୍ତାରୋକୋ ଆଜି

**ଦୁଇ ସହପାଠିନୀଙ୍କ ମୃତ୍ୟୁ ଘଟଣା**

**ସୋର, ୪।୯(ଡି.ଏନ.ଏ.)**

ସୋର ଥାନା ଟେଣ୍ଟେଇ ଗ୍ରାମରେ ଗତ ୯ ତାରିଖ ବିଳମ୍ବିତ ରାତିରେ ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୨୬ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କର ମୃତ୍ୟୁର କାରଣ ଖୋଜି ପାଉ ନ ଥିବାରୁ ଗ୍ରାମବାସୀଙ୍କ ତରଫରୁ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ଏହି ମୃତ୍ୟୁର କାରଣ ତଦନ୍ତ ଦାବି କରି ରାଜ୍ୟ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ଅସିତ ତ୍ରିପାଠୀଙ୍କଠାରେ ଦାବି କରିଥିଲେ। ଏହାର କୌଣସି ପଦକ୍ଷେପ ନିଆ ନ ଯିବାରୁ ଟେଣ୍ଟେଇ ପଞ୍ଚାୟତବାସୀ ସିବିଆଇ ତଦନ୍ତ ଦାବି କରି ବୁଧବାର ଅନନ୍ତପୁର ରାସ୍ତାରେ ଅଇଁଠିଛକଠାରେ ରାସ୍ତା ଅବରୋଧ କରିବେ ବୋଲି ଏକ ଦାବିପତ୍ର ଦେଇଛନ୍ତି।

## ପଞ୍ଚାୟତ ସଭାପତିଙ୍କ ଅକାଳମୃତ୍ୟୁ

**ରୂପସା, ୪।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ରାଉତପଡ଼ା ପଞ୍ଚାୟତର କଂଗ୍ରେସ ସଭାପତି ତଥା ଦଳର ଜଣେ ଦକ୍ଷ ସଙ୍ଗଠକ ରବୀନ୍ଦ୍ର କୁମାର ମହାନ୍ତିଙ୍କର ସୋମବାର ଅକାଳ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା। ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜିଲା ଯୁବ କଂଗ୍ରେସ ସଭାପତି ଅରଜିତ୍ ଘୋଷାଲ, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଜେନା, ଜିଲା ଯୁବ କଂଗ୍ରେସ ସମ୍ପାଦକ ଅଜିତ୍ କୁମାର ପୁହାଣଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ନେତୃତ୍ୱରେ ଦଳର ସ୍ଥିତି ସୁଦୃଢ଼ ହୋଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

